# NATIONAL NEWS BULLETIN (ODIA)

**22 October - 2024**

**Morning Bulletin : 7.15 a.m.**

*************************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପ୍ରଦାନ କରିବେ ପଞ୍ଚମ ଜାତୀୟ ଜଳ ପୁରସ୍କାର ।

- ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ଆଜିଠାରୁ ଦୁଇଦିନିଆ ରୁଷ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଗୁଜରାଟ ଗାନ୍ଧିନଗର ଠାରେ ଚତୁର୍ଦ୍ଦଶ ସର୍ବଭାରତୀୟ ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷି ସମ୍ମିଳନୀ ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଜି ପ୍ରକାଶ ପାଇବ ବିଜ୍ଞପ୍ତି ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ଏମର୍ଜିଂ ଟିମସ୍ ଏସିଆକପ୍ କ୍ରିକେଟ୍‌ରେ ୟୁ.ଏ.ଇ. ୭ ୱିକେଟ୍‌ରେ ପରାସ୍ତ କଲା ଭାରତ ।

# ରାଷ୍ଟ୍ରପତି-ଜାତୀୟ ଜଳ-ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀ ଠାରେ ପଞ୍ଚମ ଜାତୀୟ ଜଳ-ପୁରସ୍କାର ୨୦୨୩ ପ୍ରଦାନ କରିବେ । ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏଥିଲାଗି ୯ଟି ବର୍ଗରେ ୩୮ ଜଣ ବିଜେତାଙ୍କ ନାମ ଘୋଷଣା କରାଯାଇଛି । ସେଥିମଧ୍ୟରେ ସର୍ବଶ୍ରେଷ୍ଠ ରାଜ୍ୟ, ଜିଲ୍ଲା, ଗ୍ରାମପଞ୍ଚାୟତ, ସହରାଞ୍ଚଳ ପୌରପରିଷଦ ଓ ସର୍ବଶ୍ରେଷ୍ଠ ଜଳ ବ୍ୟବହାରକାରୀ ସଂଘ ଆଦି ଅନ୍ତର୍ଭୁକ୍ତ । ସର୍ବଶ୍ରେଷ୍ଠ ରାଜ୍ୟ ବର୍ଗରେ ଓଡ଼ିଶା ପ୍ରଥମ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଉତ୍ତରପ୍ରଦେଶ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନଟି ଗୁଜରାଟ ଓ ପୁଡୁଚେରୀ ଯୁଗ୍ମ ଭାବେ ହାସଲ କରିଛନ୍ତି । ଏହି ବିଜେତାମାନଙ୍କୁ ଟ୍ରଫି, ନଗଦ ଅର୍ଥ ଏବଂ ମାନପତ୍ର ପ୍ରଦାନ କରାଯିବ ।

ମନ୍ତ୍ରଣାଳୟ କହିଛି, ଜାତୀୟ ସ୍ତରରେ ଜଳ ପରିଚାଳନା ଓ ସଂରକ୍ଷଣ ଦିଗରେ ଏକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସରକାର ଏକ ସମନ୍ୱିତ ଅଭିଯାନ ଆରମ୍ଭ କରିଛନ୍ତି । ଏକ ଜଳ ସମୃଦ୍ଧ ଭାରତ ବିଜନ ହାସଲ କରିବା ଦିଗରେ ଦେଶ ବ୍ୟାପି ପ୍ରୟାସ ଜାରି ରଖିଥିବା ବ୍ୟକ୍ତିବିଶେଷ ବା ସଂସ୍ଥା ଗୁଡ଼ିକର କାର୍ଯ୍ୟ ଉପରେ ସମୀକ୍ଷା କରାଯାଇ ଏହି ଜାତୀୟ ଜଳ ପୁରସ୍କାର ପ୍ରଦାନ କରାଯାଇଥାଏ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

# ପ୍ରଧାନମନ୍ତ୍ରୀ-ବ୍ରିକ୍ସ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ଆଜିଠାରୁ ଦୁଇ ଦିନିଆ ରୁଷ ଗସ୍ତରେ ଯିବେ । କାଜାନ୍ ଠାରେ ବ୍ରାଜିଲ୍, ରୁଷ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଷୋଡ଼ଶତମ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ । ସମ୍ମିଳନୀର ଚଳିତଥରର ବିଷୟବସ୍ତୁ ରହିଛି – "ବିଶ୍ୱ ବିକାଶ ଓ ନିରାପତ୍ତା ଲାଗି ବହୁପକ୍ଷୀୟବାଦର ସଶକ୍ତିକରଣ" । ବ୍ରିକ୍ସ ନେତୃବୃନ୍ଦଙ୍କୁ ବିଭିନ୍ନ ବୈଶ୍ୱିକ ସମସ୍ୟାର ସମାଧାନ ଲାଗି ସୁଚିନ୍ତିତ ମତ ବିନିମୟ କରିବା ଦିଗରେ ଏହି ସମ୍ମିଳନୀ ସହାୟକ ହେବ । ସେହିଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆପୋଷ ସହାୟତା ସହିତ ପୂର୍ବରୁ ବ୍ରିକ୍ସ ପକ୍ଷରୁ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଗୁଡ଼ିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ମଧ୍ୟ ଏହି ବୈଠକରେ ସମୀକ୍ଷା କରାଯିବାର ସମ୍ଭାବନା ରହିଛି ।

ପ୍ରଧାନମନ୍ତ୍ରୀଙ୍କ ରୁଷ ଗସ୍ତ ସମ୍ପର୍କରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ଏହି ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ନିମନ୍ତ୍ରଣ କ୍ରମେ ଆଜି କାଜାନ୍ ଅଭିମୁଖେ ଯାତ୍ରା କରିବେ । ଭାରତ ହେଉଛି ବ୍ରିକ୍ସର ପ୍ରତିଷ୍ଠାତା ସଦସ୍ୟ ଏବଂ ପ୍ରଥମରୁ ବ୍ରିକ୍ସର ଆଭିମୁଖ୍ୟକୁ ବିଶ୍ୱସ୍ତରରେ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟକାରି କରିବା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି ବୋଲି ଶ୍ରୀ ମିଶ୍ରି କହିଛନ୍ତି । ସେ କହିଛନ୍ତି, ବିଶେଷ କରି ଅର୍ଥନୈତିକ ଅଭିବୃଦ୍ଧି, ନିରନ୍ତର ବିକାଶ ଏବଂ ବିଶ୍ୱସ୍ତରରେ ସୁ-ଶାସନ ଦିଗରେ ସଂସ୍କାର ଆଣିବା କ୍ଷେତ୍ରରେ ବ୍ରିକ୍ସ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ବିଭିନ୍ନ ବିଶ୍ୱସ୍ତରୀୟ ସମସ୍ୟାର ସମାଧାନ ଦିଗରେ ମଧ୍ୟ ବ୍ରିକ୍ସ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ସାବ୍ୟସ୍ତ ହୋଇଛି । ବ୍ରିକ୍ସର ନୂତନ ସଦସ୍ୟମାନଙ୍କୁ

ଅନ୍ୟ ସଦସ୍ୟ ରାଷ୍ଟ୍ରମାନଙ୍କ ସହିତ ଆପୋଷ ସହଯୋଗ ଦିଗରେ ସାମିଲ କରିବା ଉପରେ ଚଳିତ ଶିଖର ସମ୍ମିଳନୀରେ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ମିଶ୍ରି କହିଛନ୍ତି । ସେ କହିଛନ୍ତି, ଏହି ଦୁଇଦିନିଆ ସମ୍ମିଳନୀ, ଅର୍ଥନୈତିକ ସହଯୋଗ, ଶକ୍ତି ଏବଂ ଖାଦ୍ୟ ନିରାପତ୍ତା ସହଯୋଗକୁ ସଶକ୍ତ କରିବା ସହିତ ସ୍ୱାସ୍ଥ୍ୟ ଏବଂ ଯୁବବର୍ଗଙ୍କ ଜ୍ଞାନ ଆଦାନପ୍ରଦାନ ଦିଗରେ ମଧ୍ୟ ସହାୟକ ହେବ । ଦକ୍ଷିଣ ଆଫ୍ରିକାରେ ଗତବର୍ଷ ଅନୁଷ୍ଠିତ ଶିଖର ସମ୍ମିଳନୀରେ ଇଜିପ୍ଟ, ଇରାନ, ଇଥିଓପିଆ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସଦସ୍ୟ ଭାବେ ସାମିଲ ହେବା ପରେ ଏହା ହେଉଛି ବ୍ରିକ୍ସର ପ୍ରଥମ ବୈଠକ । ବର୍ତ୍ତମାନ ବ୍ରିକ୍ସର ସଦସ୍ୟ ସଂଖ୍ୟା ୯ରେ ପହଞ୍ଚିଛି । ବୈଦେଶିକ ସଚିବ କହିଛନ୍ତି, ଆଜି ଠାରୁ ଏହି ସମ୍ମିଳନୀ ଆରମ୍ଭ ହେଉଥିବା ବେଳେ ଆସନ୍ତାକାଲି ହେଉଛି ଏହି ସମ୍ମିଳନୀର ପ୍ରମୁଖ ଦିନ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିଭିନ୍ନ ସଦସ୍ୟ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହିତ ଦ୍ୱିପକ୍ଷିୟ ଆଲୋଚନା କରିବାର ସମ୍ଭାବନା ରହିଛି ବୋଲି ଶ୍ରୀ ମିଶ୍ରି ସୂଚନା ଦେଇଛନ୍ତି ।

ଚଳିତ ଥର ବ୍ରିକ୍ସ ସମ୍ମିଳନୀର ବିଷୟବସ୍ତୁ ରହିଛି **ବ୍ରିକ୍ସ ଏବଂ ଦକ୍ଷିଣ ବିଶ୍ୱ : ମିଳିତ ଭାବେ ଭବିଷ୍ୟତ ବିଶ୍ୱ ଗଠନ** । ଏଥିରେ ଏସିଆ, ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟ ଓ ଲାଟିନ୍ ଆମେରିକାର ପ୍ରତିନିଧିମାନେ ଅଂଶଗ୍ରହଣ କରି ମତ ବିନିମୟ କରିବେ ।

# ଅମିତ ଶାହା-ଗୁଜରାଟ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଗୁଜରାଟ ଗାନ୍ଧିନଗର ସ୍ଥିତ ମହାତ୍ମା ମନ୍ଦିରରେ ଚତୁର୍ଦ୍ଦଶ ସର୍ବଭାରତୀୟ ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସମ୍ମିଳନୀ ଉଦ୍‌ଘାଟନ କରିବେ । ଗୁଜରାଟ ଗସ୍ତରେ ଥିବା ଶ୍ରୀ ଶାହା ଆନନ୍ଦ ଠାରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ୍‌ର ୬୦ତମ ପ୍ରତିଷ୍ଠା ଦିବସରେ ଯୋଗଦେବେ । ଏହି ଅବସରରେ ଶ୍ରୀ ଶାହା ଜାତୀୟ ଦୁଗ୍ଧ ବିକାଶ ବୋର୍ଡରେ ତିନୋଟି ନୂଆ ପ୍ରକଳ୍ପକୁ ଉଦ୍‌ଘାଟନ କରିବେ । ପରେ ସେ ଗୁଜରାଟ ବିଧାନସଭାର ଡ୍ରାଫ୍ଟିଙ୍ଗ୍ ପ୍ରଶିକ୍ଷଣ କାର୍ଯ୍ୟରେ ଯୋଗଦେଇ ବିଧାୟକମାନଙ୍କୁ ସମ୍ବୋଧିତ କରିବେ । ୧୯ ବର୍ଷର ବ୍ୟବଧାନ ପରେ ଚତୁର୍ଦ୍ଦଶ ସର୍ବଭାରତୀୟ ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୬୦ ଜଣ ବରିଷ୍ଠ ଅଧିକାରୀଙ୍କ ସମେତ ୧ହଜାର ୨୦୦ ବେସାମରିକ ପ୍ରତିରକ୍ଷା ଏବଂ ଗୃହରକ୍ଷୀ ଅଂଶଗ୍ରହଣ କରିବେ । ବେସାମରିକ ପ୍ରତିରକ୍ଷା ଏବଂ ହୋମ୍‌ଗାର୍ଡ ମହାନିର୍ଦ୍ଦେଶକ ବିବେକ ଶ୍ରୀବାସ୍ତବ କହିଛନ୍ତି, ଏହି ସମ୍ମିଳନୀରେ ବେସାମରିକ ପ୍ରତିରକ୍ଷା ବିଲ୍ ଓ ଆଦର୍ଶ ହୋମ୍‌ଗାର୍ଡ ବିଲ୍‌ର ନୀତି ଉପରେ ଆଲୋଚନା ହେବ । ଉଭୟ କ୍ଷେତ୍ରରେ କିଭଳି ଆଧୁନିକ ଜ୍ଞାନକୌଶଳର ଉପଯୋଗ କରାଯାଇପାରିବ, ସେ ନେଇ ମଧ୍ୟ ସମ୍ମିଳନୀରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

ସୂଚନା ଅନୁଯାୟୀ ବର୍ତ୍ତମାନ ଦେଶରେ ସାଢ଼େ ୪ ଲକ୍ଷରୁ ଅଧିକ ହୋମ୍‌ଗାର୍ଡ ଏବଂ ୬ ଲକ୍ଷରୁ ଅଧିକ ବେସାମରିକ ପ୍ରତିରକ୍ଷା ବାହିନୀ କାର୍ଯ୍ୟ କରୁଛନ୍ତି ।

## ଝାଡ଼ଖଣ୍ଡ-ନୋଟିଫିକେସନ୍

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଜି ବିଜ୍ଞପ୍ତି ପ୍ରକାଶ ପାଇବ । ଏହି ପର୍ଯ୍ୟାୟରେ ଆସନ୍ତା ନଭେମ୍ବର ୨୦ ତାରିଖରେ ୩୮ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ଚଳିତ ମାସ ୨୯ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ରହିଛି । ପ୍ରାର୍ଥୀମାନେ ଦିନ ୧୧ଟାରୁ ଅପରାହ୍ଣ ୩ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ କରିପାରିବେ ।  ଅକ୍ଟୋବର ୩୦ରେ ପ୍ରାର୍ଥୀପତ୍ର ଯାଞ୍ଚ ହେବାକୁ ଥିବା ବେଳେ ନଭେମ୍ବର ୧ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନଭେମ୍ବର ୧୩ରେ ଅନୁଷ୍ଠିତ ହେବ । ଉଭୟ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ନଭେମ୍ବର ୨୩ରୁ ଭୋଟ୍ ଗଣତି ହେବ ।

ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି । ଏ ପର୍ଯ୍ୟନ୍ତ ୨୫ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଅକ୍ଟୋବର ୨୫ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ରହିଛି ।

## ସିଜିଏମ୍-ବ୍ୟାଙ୍କ୍

ଦେଶର ୫ଟି ରାଷ୍ଟ୍ରାୟତ ବ୍ୟାଙ୍କ୍‌ରେ ମୁଖ୍ୟ ମହାପ୍ରବନ୍ଧକ ପଦବୀ ସୃଷ୍ଟି କରିବା ପ୍ରସ୍ତାବକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଞ୍ଜୁରୀ ପ୍ରଦାନ କରିଛନ୍ତି ।

ଏହି ପଦବୀ ଗୁଡ଼ିକ ପରିଚାଳନା ବୋର୍ଡ଼ର ସଦସ୍ୟ ମାନ୍ୟତା ଠାରୁ ନିମ୍ନରେ ରହିବ । ସେହି ବ୍ୟାଙ୍କ୍ ଗୁଡ଼ିକ ହେଉଛି, ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ର, ସେଣ୍ଟ୍ରାଲ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍, ପଞ୍ଜାବ ଆଣ୍ଡ ସିନ୍ଦ୍ ବ୍ୟାଙ୍କ୍ ଓ ୟୁକୋ ବ୍ୟାଙ୍କ୍ । ଏହା ବ୍ୟତୀତ ଯେଉଁ ବ୍ୟାଙ୍କ୍ ଗୁଡ଼ିକରେ ମୁଖ୍ୟ ମହାପ୍ରବନ୍ଧକ ପଦବୀ ପୂର୍ବରୁ ରହିଛି ସେଠାରେ ମଧ୍ୟ ସେହି ସଂଖ୍ୟା ବୃଦ୍ଧି ପ୍ରସ୍ତାବକୁ ଅର୍ଥମନ୍ତ୍ରୀ ଅନୁମୋଦନ କରିଛନ୍ତି । ଫଳରେ ୧୧ଟି ରାଷ୍ଟ୍ରାୟତ ବ୍ୟାଙ୍କ୍‌ରେ ମୁଖ୍ୟ ମହାପ୍ରବନ୍ଧକ ପଦବୀ ସଂଖ୍ୟା ୮୦ରୁ ୧୪୪କୁ ବୃଦ୍ଧି ପାଇଛି ।

## ପଶ୍ଚିମବଙ୍ଗ-ସିଏମ୍-ଡକ୍ଟର

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିକ୍ଷୋଭରତ କନିଷ୍ଠ ଡାକ୍ତରୀ ଦଳର ପ୍ରତିନିଧିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଗତକାଲି ରାଜ୍ୟ ସଚିବାଳୟରେ ଅନୁଷ୍ଠିତ ବୈଠକରେ ଆର୍ ଜି କର ମେଡିକାଲ୍ କଲେଜ୍ ଘଟଣାରେ ପିଡ଼ିତାଙ୍କୁ ନ୍ୟାୟ ଦେବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ ପରେ କନିଷ୍ଠ ଡାକ୍ତରମାନେ ଆମରଣ ଅନସନ ପ୍ରତ୍ୟାହାର କରିଛନ୍ତି । ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ଓ ଗୃହ ସଚିବ ଉପସ୍ଥିତ ଥିଲେ ।

## ଅମରାବତି ଡ୍ରୋନ୍ ସମିଟ୍

ଆନ୍ଧ୍ରପ୍ରଦେଶର ରାଜଧାନୀ ଅମରାବତୀ ଠାରେ ଆଜିଠାରୁ ଦୁଇ ଦିନିଆ ଜାତୀୟ ସ୍ତରୀୟ ଅମରାବତୀ ଡ୍ରୋନ୍ ଶିଖର ସମ୍ମିଳନୀ ୨୦୨୪ ଆରମ୍ଭ

ହେବ । ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ।

ଆନ୍ଧ୍ରପ୍ରଦେଶ ଡ୍ରୋନ୍ କର୍ପୋରେସନ୍ ଦ୍ୱାରା ଆୟୋଜିତ ଏହି ଶିଖର ସମ୍ମିଳନୀରେ ପ୍ରାୟ ୧ହଜାରରୁ ଅଧିକ ପ୍ରତିନିଧି ଏବଂ ପ୍ରଦର୍ଶନକାରୀ ଅଂଶଗ୍ରହଣ କରିବେ । ଏହି ଶିଖର ସମ୍ମିଳନୀରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ପ୍ରତିରକ୍ଷା, ଭାରତୀୟ ଶିଳ୍ପ ମହାସଂଘ, ଗବେଷକ ଓ ଉଦ୍ୟୋଗୀମାନେ ମିଳିତ ହେବେ । ଡ୍ରୋନ୍ ଉତ୍ପାଦନ କ୍ଷେତ୍ରରେ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଏବଂ ଡ୍ରୋନ୍ ଜ୍ଞାନକୌଶଳର ଭବିଷ୍ୟତ ଉପରେ ଆଲୋଚନା କରିବା ସହ ଡ୍ରୋନ୍ ଇକୋସିଷ୍ଟମ୍ ନିର୍ମାଣ ପାଇଁ ରଣନୀତି ପ୍ରସ୍ତୁତ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ ।

ବିଜୟୱାଡାର କୃଷ୍ଣାନଦୀ କୂଳରେ ୫ହଜାରରୁ ଅଧିକ ଡ୍ରୋନ୍ ସହ ଭାରତର ସର୍ବବୃହତ ଡ୍ରୋନ୍ ଶୋ' ଏହି ଅବସରରେ ଅନୁଷ୍ଠିତ ହେବ ।

## କଂଗ୍ରେସ- ଝାଡ଼ଖଣ୍ଡ ଲିଷ୍ଟ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ନିମନ୍ତେ କଂଗ୍ରେସ ୨୧ ଜଣିଆ ପ୍ରାର୍ଥି ତାଲିକା ଘୋଷଣା କରିଛି । ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ଓରାନ୍ ଲୋହାରଡାଗା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ବେଳେ ଦଳର ବରିଷ୍ଠ ନେତା ଡକ୍ଟର ଅଜୟ କୁମାର ପୂର୍ବ ଜାମସେଦ୍‌ପୁର ଆସନରୁ ନିର୍ବାଚନ ଲଢ଼ିବେ । ଝାଡ଼ଖଣ୍ଡ ମନ୍ତ୍ରୀ ଡକ୍ଟର ଇର୍‌ଫାନ୍ ଅନସାରୀ ଯମ୍‌ତାରା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ।

# ଝାଡ଼ଖଣ୍ଡ-ଇସି-ଜେଏମ୍ଏମ୍

ଝାଡ଼ଖଣ୍ଡରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଗ୍ରାମାଞ୍ଚଳ ଗୁଡ଼ିକରେ ମତଦାନ ସମୟ ହ୍ରାସ କରାଯାଇଥିବା ଅଭିଯୋଗକୁ ନିର୍ବାଚନ ଆୟୋଗ ଖଣ୍ଡନ କରିଛନ୍ତି । ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ନେତା ସୁପ୍ରିୟୋ ଭଟ୍ଟାଚାର୍ଯ୍ୟ ଏହି ଅଭିଯୋଗ କରିଥିଲେ । ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବିକୁମାର କହିଛନ୍ତି, ନକ୍ସଲ ପ୍ରଭାବିତ ଅଞ୍ଚଳରେ ଥିବା ୯୮୧ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ଲାଗି ସମୟଧାର୍ଯ୍ୟ କରାଯାଇଛି । ଅବଶିଷ୍ଟ ବୁଥ୍ ଗୁଡ଼ିକରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ ହେବ । ସେ କହିଛନ୍ତି, ଝାଡ଼ଖଣ୍ଡରେ ମୋଟ୍ ୨୯ ହଜାର ୫୬୨ଟି ମତଦାନ ରହିଛି । ସେଗୁଡ଼ିକ ମଧ୍ୟରୁ ୨୪ ହଜାର ୫୨୦ଟି ମତଦାନ କେନ୍ଦ୍ର ଗ୍ରାମାଞ୍ଚଳରେ ଏବଂ ୫ହଜାର ୪୨ଟି ମତଦାନ କେନ୍ଦ୍ର ସହରାଞ୍ଚଳରେ ରହିଛି ।

# କ୍ରିକେଟ୍

ପୁରୁଷ ଟି-ଟ୍ୱେଣ୍ଟି ଏମର୍ଜିଂ ଟିମସ୍ ଏସିଆ କପ୍ କ୍ରିକେଟ୍‌ରେ ଗତକାଲି ଅଲ୍ ଆମେରାତ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ-ଏ ଦଳ ୟୁ.ଏ.ଇ.କୁ ୭ ୱିକେଟ୍‌ରେ ପରାସ୍ତ କରିଛି । ପ୍ରଥମ ବ୍ୟାଟିଂ କରି ୟୁ.ଏ.ଇ. ୧୦୭ରନ୍ କରି ସମସ୍ତ ୱିକେଟ୍ ହରାଇଥିଲା । ଏହାର ଜବାବରେ ଭାରତ-ଏ ଦଳ ୧୧ ଓଭରରେ ୩ ୱିକେଟ୍ ବିନିମୟରେ ବିଜୟଲକ୍ଷ୍ୟ ହାସଲ କରିଥିଲା । ଆସନ୍ତାକାଲି ଭାରତ-ଏ ଦଳ ଓମାନ୍ ବିପକ୍ଷରେ ମ୍ୟାଚ୍ ଖେଳିବ ।